# 108

**II**

Total No. of Questions – 16
Total No. of Printed Pages – 4

Regd. No.

## Part – II
## ODIA, Paper-I
## (Second Language)

**Time : 3 Hours]** **Max. Marks : 100**

**ନିର୍ଦ୍ଦେଶ :** ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । **1 × 10 = 10**

   (କ) ସାରଳା ଦାସଙ୍କ ଏକ ମୌଳିକ ସୃଷ୍ଟି ଭାବରେ "ସତ୍ୟ ଆତ୍ମକଥା" କବିତାର ମହତ୍ତ୍ୱ ଉପସ୍ଥାପନ କର ।

   (ଖ) "ଛାଟ ପକାଇ କଲେ ଚିନ୍ତା" କବିତାରେ ଯଶୋଦା ଚରିତ୍ରର ମହନୀୟତା ବିଚାର କର ।

2. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । **1 × 10 = 10**

   (କ) ଅସୁର ଦୀଘିକୁ ନେଇ ବହୁ ଲୋକ କଥା ଓ କିମ୍ବଦନ୍ତୀ କିପରି ସୃଷ୍ଟି ହୋଇଛି ଆଲୋଚନା କର ।

   (ଖ) ଓଡ଼ିଆ ଲୋକଙ୍କ ସ୍ୱଭାବ, ପ୍ରକୃତି ଦୃଷ୍ଟିଭଙ୍ଗୀ ସଂପର୍କରେ ପ୍ରାବନ୍ଧିକଙ୍କ ଅଭିମତ ବିଶ୍ଳେଷଣ କର ।

3. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏ**ର ସରଳାର୍ଥ ଲେଖ । **1 × 5 = 5**

   (କ) ଶ୍ରୀଗୁରୁ ପୟରେ କୋଟି ନମସ୍କାର ମୁଛି ନପାରଇ ଦଣ୍ଡେ
   ପାଖରୁ ଅନ୍ତର ହେଲେ ସତ୍ୟ ବ୍ରହ୍ମ ବଜ୍ର ପଡୁଥାଇ ମୁଣ୍ଡେ ।

   (ଖ) ପରସ୍ତିରୀ ମାତା ମୋହର ମୁଁ ନହରଇ କଦାଚିତେ
   ପରଦ୍ରବ୍ୟକୁ ଆଶା ନାହିଁ ମୋହୋର ପଞ୍ଚୁଭୂତେ ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । 1 × 5 = 5

(କ) ଆମେରିକୀୟ ଓ ଗ୍ରୀକ୍ ଯୁବକଙ୍କ କର ମର୍ଦ୍ଦନରୁ ବର୍ତ୍ତମାନ ଓ ଅତୀତ ମଧ୍ୟରେ ଆତ୍ମୀୟ ସମ୍ଭାଷଣ ସୂଚିତ ହୋଇଅଛି ।

(ଖ) ପ୍ରତିବେଶୀମାନେ ଆମ ହାତରୁ ଧନ ଓ ମାନ ଛଡ଼ାଇନେଇଛନ୍ତି ବୋଲି ସବୁ ବେଳେ ଭାବିଲେ ସେଥିରେ ଜାତୀର ମଙ୍ଗଳ ହେବନାହିଁ ।

5. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟ ମଧ୍ୟରେ ପ୍ରଦାନ କର । 4 × 2 = 8

(କ) ଭୀମଭୋଇ କିପରି ଅରଣ୍ୟରେ ଆପଣାର କ୍ଷୁଧା ତୃଷା ନିବାରଣ କରୁଥିଲେ ।

(ଖ) ଅକ୍ଷୟ ତୂଣୀର କାହାର ? ଏହା କିଏ ତାକୁ ଦେଇଥିଲେ ?

(ଗ) କୃଷ୍ଣ କାହିଁକି ମାତା ଯଶୋଦାଙ୍କୁ ଧରା ଦେଲେ ?

(ଘ) ଅର୍ଜୁନ କାହାର ନିନ୍ଦା ସହିପାରେନି ଓ ଶୁଣିଲେ କ'ଣ କରେ ?

(ଙ) ଗୋପ ମଧୁପୁର ବୋଲି ଏଠାରେ କାହାକୁ କୁହାଯାଇଛି ?

6. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟ ମଧ୍ୟରେ ପ୍ରଦାନ କର । 4 × 2 = 8

(କ) ଜେମ୍ସଙ୍କ ଉକ୍ତିରେ କେଉଁ ଦୁଇଟି ବିଷୟ ଲକ୍ଷ୍ୟ କରାଯାଏ ?

(ଖ) ଦୁର୍ଭିକ୍ଷ ସଂପର୍କରେ ମାଦଳା ପାଞ୍ଜିରେ କ'ଣ ଉଲ୍ଲେଖ ଅଛି ?

(ଗ) ପୁରୁଷମାନେ ଗାଧୋଇବା ବେଳେ କି କି ଆଲୋଚନା କରିଥାଆନ୍ତି ?

(ଘ) କ'ଣ କଲେ ଓଡ଼ିଶା ଶକ୍ତିଶାଳୀ ଓ ଧନୀଶାଳୀ ରାଜ୍ୟରେ ପରିଣତ ହୋଇ ପାରିବ ?

(ଙ) କେଉଁଠି ଏବଂ କେଉଁ ମସିହାରେ ସ୍ୱବିଗ୍ରହର ସମୁନ୍ନତ ପ୍ରତିମା ସ୍ଥାପନ କରାଯାଇଛି ?

7. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ପଦ ବା ବାକ୍ୟରେ ପ୍ରଦାନ କର । 5 × 1 = 5

(କ) ତୁମ ପଠିତ କେଉଁ କବିଙ୍କୁ ସନ୍ଥ କବି ବୋଲି କୁହା ଯାଇଛି ?

(ଖ) ନ ପଢ଼ି ପଣ୍ଡିତ କିଏ ?

(ଗ) ଯଶୋବନ୍ତୀ କିଏ ?

(ଘ) ଭଗବାନ ଶିବ ଅର୍ଜୁନଙ୍କୁ ଦେଇଥିବା ଦିବ୍ୟାସ୍ତ୍ର ?

(ଙ) 'ସତ୍ୟରେ ମରିବି ସତ୍ୟରେ ତରିବି' କବିତାର କବି ?

8. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ପଦ ବା ବାକ୍ୟରେ ପ୍ରଦାନ କର । $5 \times 1 = 5$

(କ) "ଛ ମାଣ ଆଠଗୁଣ୍ଠ" ଉପନ୍ୟାସର ଲେଖକ ?

(ଖ) "ଆମେରିକାର ବିଶ୍ୱବିଦ୍ୟାଳୟ ମାନେ" ପ୍ରବନ୍ଧର ପ୍ରାବନ୍ଧିକ ?

(ଗ) ଅସୁରଦୀଘି ପୋଖରୀଟି କେଉଁଠାରେ ଅବସ୍ଥିତ ?

(ଘ) "ମୋ ସମୟର ଭାରତ ଓ ଓଡ଼ିଶା" ପ୍ରବନ୍ଧଟି କାହିଁରୁ ଗୃହୀତ ?

(ଙ) ପଚାରିବା ମାତ୍ରକେ କିଏ ବହିମାନଙ୍କ ବିଷୟରେ ଉତ୍ତର ଲେଖିଦିଏ ?

9. ଏକ ମନସ୍ତାତ୍ତ୍ୱିକ ଏକାଙ୍କିକା ଭାବରେ 'ଦୂରପାହାଡ଼'ର ମୂଲ୍ୟାୟନ କର । $1 \times 10 = 10$

**କିମ୍ବା**

ମକଦ୍ଦମା ଏକାଙ୍କିକାରେ ଓଡ଼ିଶାର ଗ୍ରାମ୍ୟଜୀବନର ନିଛଳ ଚିତ୍ର ପ୍ରତିବିମ୍ବିତ, ଆଲୋଚନା କର ।

10. ତୁମ ବଡ଼ ଭାଇଙ୍କ ବହାଘର କାର୍ଯ୍ୟରେ ଉପସ୍ଥିତ ପାଇଁ, ତୁମ ବନ୍ଧୁଙ୍କୁ ଏକ ନିମନ୍ତ୍ରଣ ପତ୍ର ଲେଖ । $1 \times 5 = 5$

**କିମ୍ବା**

ତୁମ ଗ୍ରାମରେ ଓଡ଼ିଆ ପାଠାଗାରଟିଏ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

11. (କ) ବଙ୍ଗଳାଶ୍ରୀ କିମ୍ବା ଆଷାଢ଼ ଶୁକ୍ଳ ଛନ୍ଦର ଲକ୍ଷଣ ଲେଖି ଉଦାହରଣ ଦିଅ । $1 \times 4 = 4$

(ଖ) ଅନୁପ୍ରାସ କିମ୍ବା ଶ୍ଳେଷ ଅଳଂକାରର ଲକ୍ଷଣ ଲେଖି ଉଦାହରଣ ଦିଅ । $1 \times 4 = 4$

12. ଯେ କୌଣସି **ତିନୋଟିର** ସନ୍ଧି ବିଚ୍ଛେଦ କର । $3 \times 1 = 3$

ପରୀକ୍ଷା, ଦିଗନ୍ତ, ମନସ୍ତାପ, ସ୍ୱାଧୀନ, ଉଚ୍ଚାରଣ

13. ଯେ କୌଣସି **ତିନୋଟିର** ବିଗ୍ରହ ବାକ୍ୟ ଲେଖି ସମାସର ନାମ ଲେଖ । $3 \times 1 = 3$

ନୀଳକଣ୍ଠ, ପଙ୍କଜାତ, ପୁରୁଷୋତ୍ତମ, ତ୍ରିଧାରା, ଦିନରାତି

14. ଯେ କୌଣସି **ତିନୋଟିର** ଲିଙ୍ଗ ବଦଳାଅ । $3 \times 1 = 3$

ନନ୍ଦନ, ରଜକ, ସଭାପତି, ସହଚର, ଧୁବା

15. ଯେ କୌଣସି **ତିନୋଟିର** ବିପରୀତାର୍ଥ ବୋଧକ ଶବ୍ଦ ଲେଖ । $3 \times 1 = 3$

ଶାରୀରିକ, ଜଳ, ସଜ, ମାରଣ, ଉତ୍‌ଥାନ

16. (କ) ଯେ କୌଣସି **ଚାରୋଟି** ରୂଢ଼ିର ଅର୍ଥ ଲେଖି ବାକ୍ୟରେ ପ୍ରୟୋଗ କର । 4 × 1 = 4

ଏକ ଘରକିଆ, ଅଲଣା କଥା, ନଈ ନ ଦେଖୁ ଲଙ୍ଗଳା ହେବା, ଉଷୁନାଧାନ ଗଜା ହେବା, ବଣ ବିଛୁଆତି, ଗୋଟିଏ ଚାଉଳରେ ଗଢ଼ା

(ଖ) ପ୍ରଦତ୍ତ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଲେଖ । 1 × 5 = 5

ଓଡ଼ିଶାରେ ଚୈତ୍ରପର୍ବପରେ ରଜ ସଂକ୍ରାନ୍ତି ପାଳିତ ହୁଏ । ଗାଁର ଆମ୍ବତୋଟାମାନଙ୍କରେ, ଛକ ମାନଙ୍କରେ ଓ ଅଧିକାଂଶ ଘରର ଅଗଣାଆ ବା ବାଡ଼ିମାନଙ୍କରେ ଛୋଟ ଛୋଟ ଦୋଳି ଓ ପଟା ଦୋଳିମାନ ଦେଖାଯାଏ । ସ୍ତ୍ରୀ–ପୁରୁଷ, ବାଳକ–ବାଳିକା, ବୃଦ୍ଧ–ବୃଦ୍ଧା ସମସ୍ତେ ଦୋଳିଖେଳରେ ମାତନ୍ତି । ଦୋଳିଗୀତ ଆଦିର ସାତ୍ତ୍ୱିକ ଓ ଅଶ୍ଳୀଳ ହୋଇଥାଏ । ଦୋଳିଗୀତ ପ୍ରତିଯୋଗିତା ମଧ୍ୟ ଅନେକ ହୃଦୟସ୍ପର୍ଶୀ ହୁଏ । ଏହି ରଜ ଉପଲକ୍ଷେ ଗୀତ ଆନନ୍ଦ ମୁଖର ହୁଏ । ପିଠାପଣା, ମାଂସ ଭୋଜନରେ ସମସ୍ତେ ମାତନ୍ତି । ବାଗୁଡ଼ିଖେଳ ଚାଲେ । କିନ୍ତୁ ଏବେ ବାଗୁଡ଼ିଖେଳ ଆଉ ହେଉନାହିଁ । ଏହା ଲଜ୍ଜାଜନକ ପରିସ୍ଥିତି ବା ଦଳଗତ ଯୁଦ୍ଧକୁ ନେଇ ବନ୍ଦ ହୋଇଯାଇଛି । ମକର ପର୍ବ ଏ ଅଞ୍ଚଳର ଆଉ ଗୋଟିଏ ପର୍ବ । ପାର୍ଶ୍ୱବର୍ତ୍ତୀ ବୈତରଣୀ ନଦୀରେ ସ୍ନାନ କରି କେହି କେଶରୀ କୁଣ୍ଡଠାରେ ଅନୁଷ୍ଠିତ ମେଳାରେ ଯୋଗ ଦିଅନ୍ତି । ସେହିଦିନ ଏଠାରେ ଜଗନ୍ନାଥ ପାଣିଙ୍କ ରଚିତ ଲୀଳାଯାତ୍ରା, ବୈଷ୍ଣବ ପାଣିଙ୍କ ରଚିତ ରଙ୍ଗସଭା ଅଭିନୀତ ହୋଇଥାଏ । ଦଶହରା ସମୟରେ ଖିଚ଼ିଂ ଠାକୁରାଣୀଙ୍କ ମନ୍ଦିରରେ ଚଣ୍ଡୀପାଠ ହୁଏ ଏବଂ ବହୁସମୟରେ ମେଳା ମହୋତ୍ସବ ହୁଏ ।

**ପ୍ରଶ୍ନ :**

(କ) ବୈଷ୍ଣବ ପାଣି କ'ଣ ଲେଖିଥିଲେ ?

(ଖ) ଦଶହରା ବେଳେ ଖିଚ଼ିଂ ଠାକୁରାଣୀଙ୍କ ମନ୍ଦିରରେ କ'ଣ ହୁଏ ?

(ଗ) ଦୋଳିଗୀତ କିପରି ହୋଇଥାଏ ?

(ଘ) ମକର ମେଳା କେଉଁଠି ଅନୁଷ୍ଠିତ ହୁଏ ?

(ଙ) ବାଗୁଡ଼ି ଖେଳ କାହିଁକି ବନ୍ଦ ହୋଇଯାଇଛି ?

---